# NATIONAL NEWS BULLETIN (ODIA)
## 5 April - 2024
## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି ।
- ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର ଅଧିକ ସଂଖ୍ୟାରେ ଭୋଟରମାନଙ୍କୁ ନିର୍ବାଚନରେ ମତଦାନ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।
- କଂଗ୍ରେସ ଦଳ ଲୋକସଭା ନିର୍ବାଚନ ପାଇଁ ଆଜି ଇସ୍ତାହାର ପ୍ରକାଶ କରିଛି ।
- ୟୁପି ବୋର୍ଡ ଅଫ୍ ମଦ୍ରାସା ଏଜୁକେସନ ଆକ୍ଟ ୨୦୦୪କୁ ଅସାମ୍ବିଧାନିକ ଏବଂ ଧର୍ମନିରପେକ୍ଷତାର ଉଲ୍ଲଂଘନ ବୋଲି ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟ୍ ୨୦୨୪ରେ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

## ଦ୍ୱିମାସିକ ଆରବିଆଇ-ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି କ୍ରମାଗତ ସପ୍ତମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ମୁଦ୍ରାନୀତି ବିବୃତି ଘୋଷଣା କରି ରେପୋ ରେଟ୍ କୁ ୬.୫% ରଖିଛନ୍ତି। ଚଳିତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ହାର ୭ ପ୍ରତିଶତ ଥିବା ବେଳେ ଖାଉଟି ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ ବୋଲି ସେ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ୨୦୨୪ ମାର୍ଚ୍ଚ ୨୯ ତାରିଖ ସୁଦ୍ଧା ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ସର୍ବୋଚ୍ଚ ସ୍ତର ୬୪୫.୬ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୪ରେ ବିଶ୍ୱ ବାଣିଜ୍ୟରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲେ ମଧ୍ୟ ଏହା ହାରାହାରି ଠାରୁ କମ୍ ରହିବ ବୋଲି ସେ କହିଛନ୍ତି।  ଶ୍ରୀ ଦାସ କହିଛନ୍ତି, ଘରୋଇ କ୍ଷେତ୍ରରେ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଉଛି, ଅସଂଗଠିତ କ୍ଷେତ୍ରରେ ଉନ୍ନତି ହେଉଛି ଓ ପୁଞ୍ଜିନିବେଶ ବୃଦ୍ଧି ପାଉଛି। ଆନ୍ତର୍ଜାତିକ ପରିସ୍ଥିତି ବିଷୟରେ ସେ

କହିଛନ୍ତି, ବିକାଶ ଲାଭ କରୁଥିବା ଦେଶର ଅର୍ଥନୀତିରେ ଭୂ-ରାଜନୈତିକ ସ୍ଥିତି ଏବଂ ବିପୁଳ ପରିମାଣର ସରକାରୀ ଋଣ ଅତ୍ୟନ୍ତ ଚିନ୍ତାର ବିଷୟ।

## ଇସିଆଇ-ମିଟିଂ

ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟରମାନଙ୍କୁ ସାମିଲ କରିବା ପାଇଁ ବୁଥ୍‌ୱାରୀ ରଣନୀତ ପ୍ରସ୍ତୁତ କରିବାକୁ ପୌରାଞ୍ଚଳ କମିଶନର ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ ମଧ୍ୟ ସେମାନଙ୍କୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପୃଥକ ପୃଥକ ରଣନୀତି ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ ପୌରାଞ୍ଚଳ କମିଶନର୍ ଓ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କର ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ନିର୍ବାଚନ କମିଶନର୍ ଏହା କହିଛନ୍ତି । ଆଗାମୀ ୨୦୨୪ ନିର୍ବାଚନରେ ଅଧିକ ସଂଖ୍ୟକ ଭୋଟରମାନଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ଅନୁଷ୍ଠଇତ ହୋଇଥିଲା ।

ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କୁ ଗଣତନ୍ତ୍ରର ଏହି ମହାପର୍ବରେ ଭୋଟରମାନେ କିଭଳି ଗର୍ବର ସହ ଅଂଶଗ୍ରହଣ କରିପାରିବେ ସେହି ହିସାବରେ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି । ସେ ମଧ୍ୟ

ଭୋଟରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ହେବା ସହ ସେମାନେ ସ୍ୱତପ୍ରୃତ ଭାବେ ଆଗେଇ ଆସି ଭୋଟ ଦେବାର ପ୍ରକ୍ରିୟାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାର ଆହ୍ୱାନ ଦେଇଛନ୍ତି । ଶ୍ରୀ କୁମାର କହିଛନ୍ତି, ଦେଶରେ ୨୧୫ଟି ଗ୍ରାମାଞ୍ଚଳ ଓ ୫୧ଟି ସହରାଞ୍ଚଳ ଲୋକସଭା ନିର୍ବାଚନ ମଣ୍ଡଳୀ ଚିହ୍ନଟ କରାଯାଇଛି, ଯେଉଁଠାରେ ଅତି କମ୍ ସଂଖ୍ୟକ ଭୋଟର ଭୋଟ ଦେଇଥାନ୍ତି । ସେଠାରେ ଭୋଟରମାନଙ୍କର  ଅଂଶଗ୍ରହଣକୁ ବୃଦ୍ଧି କରାଯିବା ପାଇଁ କାର୍ଯ୍ୟ କରାଯିବ । ଏଥିପାଇଁ ସେ ତିନିସୂତ୍ରୀ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେଗୁଡ଼ିକ ହେଉଛି, ପୁଲିଂ ଷ୍ଟେସନ୍ ଗୁଡ଼ିକରେ ଧାଡ଼ିରେ ଭୋଟ୍ ଦେବା, ଦୂରଦୂରାନ୍ତ ଅଞ୍ଚଳରୁ ଭୋଟରମାନଙ୍କୁ ଯୋଗାଯୋଗ କରିବା, ସ୍ଥାନୀୟ ପ୍ରତୀକ ଏବଂ ଯୁବ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ମାଧ୍ୟମରେ ଭୋଟରମାନଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇବା ରହିଛି । ଏହି ସମ୍ମିଳନୀରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୁରୁ, ହାଇଦ୍ରାବାଦ୍, ଅହମ୍ମଦାବାଦ, ପୁନେ, ଥାନେ, ପାଟନାସାହିବ, ଲକ୍ଷ୍ନୌ ଏବଂ କାନପୁର ମହାନଗର ନିଗମ କମିଶନର ଏବଂ ବିହାର ଓ ଉତ୍ତରପ୍ରଦେଶର କିଛି ଜିଲ୍ଲାର ନିର୍ବାଚନ ଅଧିକାରୀ, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଏବଂ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଯୋଗଦେବା ସହ କର୍ଣ୍ଣାଟକ, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା ଏବଂ ପଞ୍ଜାବର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଆଭାସି ମାଧ୍ୟମରେ ଏହି ସମ୍ମିଳନୀରେ ଯୋଗଦେଇଥିଲେ ।

# କଂଗ୍ରେସ ନିର୍ବାଚନୀ ଇସ୍ତାହାର

କଂଗ୍ରେସ ଦଳ ଲୋକସଭା ନିର୍ବାଚନ ପାଇଁ ଆଜି ଇସ୍ତାହାର ପ୍ରକାଶ କରିଛି । ଜାତୀୟ ସର୍ବନିମ୍ନ ମଜୁରୀ ଦିନ ପ୍ରତି ୪୦୦ ଟଙ୍କା ଗ୍ୟାରେଣ୍ଟି, ପ୍ରତ୍ୟେକ ଗରିବ ପରିବାରକୁ ବାର୍ଷିକ ୧ଲକ୍ଷ ଟଙ୍କା ପ୍ରଦାନ, କେନ୍ଦ୍ର ସରକାରୀ ଚାକିରି କ୍ଷେତ୍ରରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ, ସର୍ବନିମ୍ନ ସହାୟକ ରାଶି ଏବଂ ଜାତୀୟ ଜାତିଭିତ୍ତିକ ଜନଗଣନା ପାଇଁ ନ୍ୟାୟିକ ଗ୍ୟାରେଣ୍ଟି କଂଗ୍ରେସ ଇସ୍ତାହାରର ମୁଖ୍ୟ ବିଷୟ ରହିଛି । ଦଳୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ବରିଷ୍ଠ ନେତା ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧି ଆଜି ନୂଆଦିଲ୍ଲୀରେ ଦଳୀୟ ଇସ୍ତାହାରକୁ ପ୍ରକାଶ କରିଛନ୍ତି । ଆସନ୍ତା ଦଶନ୍ଧିରେ ଦେଶରେ ମୌଳିକଢାଞ୍ଚାର ବିକାଶର ପ୍ରତିଶ୍ରୁତି ସହ ୨୩ କୋଟି ଲୋକଙ୍କର ଭାଗ୍ୟକୁ ପରିବର୍ତ୍ତନ କରାଯାଇ ଦାରିଦ୍ର୍ୟ ଦୂରୀକରଣ କରାଯିବ । ଦଳ ମଧ୍ୟ ସରକାରୀ ଚାକିରି ପାଇଁ ଆପ୍ଲିକେସନ୍ ଫିସ୍‌ର ବିଲୋପ, ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା, କେନ୍ଦ୍ର ସରକାରୀ ଚାକିରିରେ ୩୦ଲକ୍ଷ ଭର୍ତ୍ତି, ଇଲେକ୍ଟୋରାଲ୍ ବଣ୍ଡ ଯୋଜନାର ତଦନ୍ତ ରହିଛି ।

ଏହି ଅବସରରେ ଶ୍ରୀ ଖଡ଼ଗେ କହିଛନ୍ତି, ତାଙ୍କ ଦଳର ଇସ୍ତାହାର ପଞ୍ଚନ୍ୟାୟ ଉପରେ ପର୍ଯ୍ୟବେଶିତ ରହିଛି । ସେଗୁଡ଼ିକ ଯୁବକ, ମହିଳା, କୃଷକ, ଶ୍ରମିକ ଏବଂ ଜନସଂଖ୍ୟା ପ୍ରତିଶତ ଆଧାରରେ ନ୍ୟାୟିକ ସୁଯୋଗ ରହିଛି ।

## ବିଜେପି-କଂଗ୍ରେସ

ବିଜେପି ଆଜି କଂଗ୍ରେସ ଦଳର ନିର୍ବାଚନୀ ଇସ୍ତାହାରକୁ ମିଛର ପୁଟୁଳି ବୋଲି କହିଛି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଦଳୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ସମାଲୋଚନା କରି କହିଛନ୍ତି, ଏହି ଇସ୍ତାହାର ଭୋଟରମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଉଛି । ସେ ପୁଣି କହିଛନ୍ତି, କଂଗ୍ରେସ ଦଳ ପୂର୍ବରୁ ହୋଇଥିବା ବିଧାନସଭା ଏବଂ ଲୋକସଭା ନିର୍ବାଚନ ଗୁଡ଼ିକରେ ଦେଇଥିବା ଇସ୍ତାହାରର ପ୍ରତିଶ୍ରୁତି ପୂରଣ କରିନଥିଲା । ସେ କହିଛନ୍ତି, କଂଗ୍ରେସ ତାର ଇସ୍ତାହାର ଦସ୍ତାବିଜ୍‌ର ଜଳ ପରିଚାଳନା ପୃଷ୍ଠାରେ ନ୍ୟୁୟର୍କର ବୁଫାଲୋ ନଦୀର ଚିତ୍ର ବ୍ୟବହାର କରିଥିଲା । କଂଗ୍ରେସର ନିର୍ବାଚନୀ ଇସ୍ତାହାର ଦସ୍ତାବିଜ୍‌ର ନାମ ନ୍ୟାୟପତ୍ର ରଖାଯିବା ଉପରେ ଆପତ୍ତି ଦର୍ଶାଇ ସେ କହିଛନ୍ତି, କଂଗ୍ରେସ ଦଳ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶ ପ୍ରତି ଅନ୍ୟାୟ ହିଁ କରିଆସିଛି ।

## ଏସ୍‌ସି-ୟୁପି ମଦରସା

ୟୁପି ବୋର୍ଡ ଅଫ୍ ମଦ୍ରାସା ଏଜୁକେସନ ଆକ୍ଟ ୨୦୦୪କୁ ଅସାମ୍ବିଧାନିକ ଏବଂ ଧର୍ମନିରପେକ୍ଷତାର ଉଲ୍ଲଂଘନ ବୋଲି ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ

ତିନି ଜଣିଆ ଖଣ୍ଡପୀଠ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନର ଶୁଣାଣି କରି କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ତାଙ୍କ ଆବେଦନରେ ଦର୍ଶାଇଥିଲେ, ଏହି ରାୟ ଭାରତୀୟ ସମ୍ବିଧାନରେ ଥିବା ଧର୍ମନିରପେକ୍ଷତାର ଧାରଣାକୁ ଭୁଲ ଭାବରେ ବ୍ୟାଖ୍ୟା କରିଥାଇପାରେ।

## ପିଏମ୍-ରାଜସ୍ଥାନ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସମଗ୍ର ଦେଶ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ କାର୍ଯ୍ୟ କରୁଛି । ବିଗତ ୧୦ ବର୍ଷରେ ତାଙ୍କ ସରକାର ଦଶନ୍ଧି ଦଶନ୍ଧି ଧରି ପଡ଼ି ରହିଥିବା ସାଧାରଣ ଲୋକମାନଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରିଛି । ଆଜି ଅପରାହ୍ଣରେ ରାଜସ୍ଥାନର ଚୁରୁ ଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ସମୟରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି, ବିଗତ ୧୦ ବର୍ଷରେ ବିକଶିତ ଭାରତ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି । ଆଜି ସାରା ବିଶ୍ୱ ଭାରତର ଏହି ଦ୍ରୁତ ପ୍ରଗତି ଦେଖି ବିସ୍ମିତ ହେଉଛି । ସେ କହିଛନ୍ତି, ୧୦ ବର୍ଷ ପୂର୍ବେ ଦେଶ ନିରାଶାରେ ବୁଡି ରହିଥିଲା ।  କ୍ଷମତାକୁ ଆସିବା ପରେ ତାଙ୍କ ସରକାର ସାଧୁତାର ସହ କାର୍ଯ୍ୟ କଲା ଏବଂ ଆଜି ଦେଶ ଦ୍ରୁତ ଅଭିବୃଦ୍ଧି ପଥରେ

ଆଗେଇ ଚାଲିଛି । ତାଙ୍କ ସରକାରର ବିଭିନ୍ନ ଯୋଜନା ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି, ଦେଶର ପ୍ରତ୍ୟେକ ପରିବାରକୁ ସାଧାରଣ ସୁବିଧା ଯେପରିକି – ଘର, ଶୌଚାଳୟ ଏବଂ ପାନୀୟ ଜଳ ଏହା ନିଶ୍ଚିତ କରିବା ପାଇଁ ତାଙ୍କ ସରକାର କାର୍ଯ୍ୟ କରିଛି । କରୋନା ମହାମାରୀର ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଦେଶ ବିଶ୍ୱରେ ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇପାରିଛି ।

ବିଗତ ୧୦ ବର୍ଷର ବିକାଶ ମୂଳକ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଟ୍ରେଲର ବୋଲି ଅଭିହିତ କରିବା ସହ ଆଗାମୀ ଦିନରେ ଆହୁରି ଅନେକ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି । ବିରୋଧୀ ଦଳ ଗୁଡ଼ିକୁ ସମାଲୋଚନା କରି ସେ କହିଛନ୍ତି, ଯେତେବେଳେ ଆମର ସେନା ଏୟାର୍ ଷ୍ଟ୍ରାଇକ୍ ଆଉ ସର୍ଜିକାଲ୍ ଷ୍ଟ୍ରାଇକ୍ କଲା ସେତେବେଳେ ବିରୋଧୀ ଦଳ ଗୁଡ଼ିକ ଏହାର ପ୍ରମାଣ ମାଗିଲେ ।

## କେଜରିୱାଲ-ଦିଲ୍ଲୀକୋର୍ଟ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଦ୍ୱାରା ଜେଲ୍‌ରେ ତାଙ୍କ ଓକିଲଙ୍କ ସହିତ ସପ୍ତାହକୁ ଦୁଇ ଥର ବଦଳରେ ପାଞ୍ଚ ଥର ସାକ୍ଷାତକାର ସମ୍ପର୍କିତ ଆବେଦନ ଉପରେ ଦିଲ୍ଲୀ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି । ରୋଜ୍ ଆଭେନ୍ୟୁ କୋର୍ଟ୍‌ର ସ୍ୱତନ୍ତ୍ର ଜଜ୍ କାବେରୀ ବାୱେଜା

ଆସନ୍ତା ୯ ତାରିଖକୁ ରାୟ ପ୍ରକାଶ କରିବେ । ଗତ ସୋମବାର ଦିନ କୋର୍ଟ୍ ମୁଖ୍ୟମନ୍ତ୍ରୀ କେରଜିୱାଲଙ୍କୁ ଅବକାରୀ ଦୁର୍ନୀତି ମାମଲାରେ ନ୍ୟାୟିକ ହାଜତକୁ ୧୫ ତାରିଖ ପର୍ଯ୍ୟନ୍ତ ପଠାଇଥିଲେ ।

## କବିତା-ଦିଲ୍ଲୀକୋଟ

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ କୋର୍ଟ୍ ଆଜି ତିହାର ଜେଲ୍‌ରେ ଥିବା ବି.ଆର୍.ଏସ୍. ନେତ୍ରୀ କେ. କବିତାଙ୍କୁ ଜେରା କରିବା ସହ ତାଙ୍କର ଜମାନବନ୍ଦୀକୁ ରେକର୍ଡ କରିବା ପାଇଁ ସି.ବି.ଆଇ.କୁ ଅନୁମତି ପ୍ରଦାନ କରିଛି । ଏ ନେଇ ସି.ବି.ଆଇ. ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା । ମାର୍ଚ୍ଚ ୧୫ ତାରିଖରେ ଇ.ଡି. ଦ୍ୱାରା ଗିରଫ୍ ହୋଇଥିଲେ । ବର୍ତ୍ତମାନ ସେ ତିହାର ଜେଲ୍‌ରେ ଅଛନ୍ତି ।

## ଆପ୍ ବିଜେପି ଲିକର୍ ସ୍କାମ୍

ଆମ୍ ଆଦମୀ ପାର୍ଟି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଜେଲ୍‌କୁ ପଠାଯିବା ଘଟଣାରେ ଷଡ଼ଯନ୍ତ୍ର ରହିଥିବାର ଅଭିଯୋଗ କରିଛି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଆପ୍ ନେତା ସଂଜୟ ସିଂହ କହିଛନ୍ତି, ସାଂସଦ ମଗୁନ୍ତା ରେଡ୍ଡୀଙ୍କୁ କେଜରିୱାଲ୍‌ଙ୍କ

ବିରୁଦ୍ଧରେ ମିଥ୍ୟା ଜମାନବନ୍ଦୀ ଦେବା ପାଇଁ ଚାପ ପକାଯାଇଥିଲା । ସେ ଯେତେବେଳେ ମନା କଲେ ତାଙ୍କ ପୁଅ ରାଘବ ରେଡ୍ଡୀଙ୍କୁ ଗିରଫ୍ କରାଗଲା । ସେ ପୁଣି କହିଛନ୍ତି, ବାରମ୍ବାର ଜେରା ପରେ ରାଘବ ରେଡ୍ଡୀ ତାଙ୍କର ମତ ବଦଳାଇଥିଲେ ଏବଂ ଆପ୍ ନେତାମାନଙ୍କୁ ଜେଲ୍‌ରେ ପୁରାଇବା ପାଇଁ ହୋଇଥିବା ଷଡ଼ଯନ୍ତ୍ରର ଅଂଶ ପାଲଟିଥିଲେ ।

ଇତିମଧ୍ୟରେ ବିଜେପି ଏହାର ଜବାବ ରଖିଛି । ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚ୍‌ଦେବା ମଦ ଦୁର୍ନୀତି ମାମଲାରେ ଆପ୍ ନେତାମାନଙ୍କୁ ବାରମ୍ବାର ବିଭ୍ରାନ୍ତିକର ମନ୍ତବ୍ୟମାନ ଦେଇ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି ବୋଲି କହିଛନ୍ତି ।  ସେ କହିଛନ୍ତି, ଶ୍ରୀ ସିଂହ ଏହି କେଶ୍‌ରେ ଜାମିନ୍ ପାଇଥିଲେ ମଧ୍ଯ କେଶ୍ ବର୍ତ୍ତମାନ ବନ୍ଦ ହୋଇନାହିଁ । ସେ ପ୍ରଶ୍ନ କରିଛନ୍ତି, ଯଦି ମଦ ନୀତି ଠିକ୍ ଥିଲା ତେବେ ଦିଲ୍ଲୀ ସରକାରଙ୍କ ଦ୍ୱାରା ଏହା କାହିଁକି ପରିବର୍ତ୍ତନ କରାଗଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ୨୦୨୪ରେ ଆଉ କିଛି ସମୟ ପରେ ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

# ମାଲଦୀପ ଇଲେକ୍ସନ୍

ମାଲଦ୍ୱୀପରେ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଦୁର୍ନୀତି ନିରୋଧୀ ସଂଗଠନ ଟ୍ରାନ୍ସପେରେନ୍ସି ମାଲଦ୍ୱୀପ ବର୍ତ୍ତମାନର ମୁଇଜ୍ଜୁ ପ୍ରଶାସନ ଦ୍ୱାରା ରାଷ୍ଟ୍ରୀୟ ସମ୍ବଳର ଅପବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସଂଗଠନ କହିଛି, ସରକାରଙ୍କ ପଦକ୍ଷେପ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହି ସଂଗଠନ ପ୍ରଚାର ଗସ୍ତ ସମୟରେ ଉନ୍ନୟନ ମୂଳକ ପ୍ରକଳ୍ପ ଘୋଷଣା କରିବାର ଏକ ଚିନ୍ତାଜନକ ଧାରାଉପରେ ଆଲୋକପାତ କରିଛି, ଯାହା ରାଜନୈତିକ ହସ୍ତକ୍ଷେପ ସନ୍ଦେହ ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ, ରାଜନୈତିକ ନିଯୁକ୍ତି ବୃଦ୍ଧି ଏବଂ ରାଜନୈତିକ ଫାଇଦା ପାଇଁ ରାଷ୍ଟ୍ରୋୟତ୍ତ ଉଦ୍ୟୋଗଗୁଡ଼ିକର ବ୍ୟବହାର ଏକ ଗଭୀର ପୃଷ୍ଠପୋଷକତା ବ୍ୟବସ୍ଥାର ସଙ୍କେତ ଦେଉଛି, ଯାହା ନିର୍ବାଚନରେ ବ୍ୟାପକ ଅସାମ୍ବିଧାନିକ ପ୍ରକ୍ରିୟାକୁ ସୂଚାଉଛି ବୋଲି ଟ୍ରାନ୍ସପେରେନ୍ସି ମାଲଦ୍ୱୀପ କହିଛି ।